## ମେଗା ପ୍ରକଳ୍ପ ଗାତରେ ପଡ଼ି ଜଣେ ଗୁରୁତର

ଗଁଦିଆ,୩।୪(ବିଶ୍ୱ ମୋହନ ସାହୁ)



ଢେଙ୍କାନାଳ-ଭୁବନ ମୁଖ୍ୟ ରାସ୍ତାର ଗଁଦିଆ ଥାନା ସମ୍ମୁଖରେ ମେଗା ପ୍ରକଳ୍ପ ପାଣି ପାଇପ ଲାଇନ ଯୋଗୁ ଖୋଳାଯାଇଥିବା ଗାତରେ ପଡ଼ି ଜଣେ ଯୁବକ ଗୁରୁତର ହେବା ସହିତ ବାଇକ୍‌ଟି ଭାଙ୍ଗିଯାଇଛି । ଶୁକ୍ରବାର ସନ୍ଧ୍ୟାରେ ଦେଓଝର ଗ୍ରାମର ସିଦ୍ଧାନ୍ତ ନାୟକ(୨୫) ପିଙ୍ଗୁଆରୁ ବିଧାରପୁର ଅଭିମୁଖେ ଆସୁଥିବା ବେଳେ ଖୋଳାଯାଇଥିବା ଗାତରେ ପଡ଼ି ଲୁହା ପାଇପ୍‌ରେ ମାଡ଼ ହୋଇଯାଇଥିଲେ। ଫଳରେ ସେ ଗୁରୁତର ହେବା ସହ ତାଙ୍କ ବାଇକଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଗୁରୁତର ଅବସ୍ଥାରେ ଗଣମାଧ୍ୟମ ପ୍ରତିନିଧି ସୌମ୍ୟରଞ୍ଜନ ମହାନ୍ତି ତାଙ୍କୁ ଉଦ୍ଧାରକରି କାର୍ ଯୋଗେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଏଆଇ ବିଷୟରେ ଜ୍ଞାନ ଆହରଣ ଅତ୍ୟନ୍ତ ଜରୁରୀ

### ଆଇଆଇଏମ୍‌ସିରେ କୃତ୍ରିମ ବୁଦ୍ଧିମତ୍ତା କର୍ମଶାଳା

ଢେଙ୍କାନାଳ,୩।୪(ରତନ ନାୟାର)



ଏଆଇ ସମ୍ପର୍କିତ କର୍ମଶାଳାରେ ଅତିଥିମାନଙ୍କ ଗହଣରେ ଛାତ୍ରୀଛାତ୍ର।

ଢେଙ୍କାନାଳ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପରିସରରେ ଗୁଗୁଲ୍ ନ୍ୟୁଜ୍ ଇନିସିଏଟିଭ ଆନୁକୂଲ୍ୟରେ ଏଆଇ ସ୍କିଲ୍ସ ପ୍ରୋଗ୍ରାମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । 'ଫ୍ରମ୍ ପ୍ରମ୍ପ୍ଟ ଟୁ ପ୍ରୋଟୋଟାଇପ୍-ଏଆଇ ଇନ୍ ମିଡିଆ' ଶୀର୍ଷକ ଏହି କର୍ମଶାଳାରେ ସାମ୍ବାଦିକତା ଏବଂ କର୍ପୋରେଟ ଯୋଗାଯୋଗ ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ଆନନ୍ଦ ପ୍ରଧାନ କହିଥିଲେ, ଆଜିର ବୈଷୟିକ ଯୁଗରେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇ ବିଷୟରେ ଜ୍ଞାନ ଆହରଣ କରିବା ଅତ୍ୟନ୍ତ ଜରୁରୀ। କର୍ମଶାଳାରେ ଖବରଦାତାଙ୍କ ପାଇଁ ଏଆଇ ଉପଯୋଗୀ ଅନେକ ଆଧୁନିକ କୌଶଳ ଉପରେ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷିକା ଆଞ୍ଜେଲିନ ଶାଲିନୀ ଜେମିନିର ଉନ୍ନତ ବୈଶିଷ୍ଟ୍ୟ ଯଥା ଡାଟା ବିଶ୍ଳେଷଣ ଓ ରଣନୈତିକ ଯୋଗାଯୋଗ, ପ୍ରଶିକ୍ଷକ ଏନ.ଏସ. ରାମନାଥ ନୋଟବୁକ ଏଲ୍‌ଏମ୍‌ର ବ୍ୟବହାର ଓ ପଙ୍କଜ ଖୁରାନା 'ଭାଇବ କୋଡିଂ' ମାଧ୍ୟମରେ ନନ୍ ଟେକ୍ନିକାଲ୍ ଛାତ୍ରୀଛାତ୍ରଙ୍କୁ ଆପ୍ ନିର୍ମାଣର କୌଶଳ ଶିଖାଇଥିଲେ। ଗୁଗୁଲ ନ୍ୟୁଜ ଇନିସିଏଟିଭ୍‌ର କବିତା ଉପାଧ୍ୟାୟଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ଦଳଗତ ଭାବେ ବିଭିନ୍ନ ନ୍ୟୁଜରୁମ୍ ଆପ୍ ପ୍ରସ୍ତୁତ କରି ଉପସ୍ଥାପନ କରିଥିଲେ। ଏହି ସମସ୍ତ ବୈଶିଷ୍ଟ୍ୟ ଟ୍ରାନ୍ସକ୍ରିପ୍ସନ ସ୍ୱୟଂଚାଳିତ କରିବା, ବିଶାଳ ଡାଟାକୁ ସଂକ୍ଷିପ୍ତ କରିବା ଏବଂ ଫ୍ୟାକ୍ଟ ଚେକ୍ କରିବାରେ ବେଶ ସହାୟକ ହେବ। ଆଗାମୀ ପିଢ଼ିର ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏଆଇର ବ୍ୟବହାରିକ ଜ୍ଞାନ କେବଳ କାର୍ଯ୍ୟଦକ୍ଷତା ବଢ଼ାଇବ ନାହିଁ ବରଂ ଜଟିଳ ତଥ୍ୟକୁ ସହଜରେ ବିଶ୍ଳେଷଣ କରିବାରେ ସାହାଯ୍ୟ କରିବ। ମାନବୀୟ ସମ୍ବେଦନତା ଏବଂ ନୈତିକ ବିଚାରବୋଧକୁ ବଜାୟ ରଖିବା ଉପରେ କର୍ମଶାଳାରେ ଗୁରୁତ୍ୱାରୋପ କରାଯାଇଥିଲା । ଛାତ୍ରୀଛାତ୍ରମାନେ ଏହି କୌଶଳ ଶିଖିବା ଦ୍ୱାରା ଭବିଷ୍ୟତରେ ମିଡିଆ ଶିଳ୍ପର ଆହ୍ୱାନଗୁଡ଼ିକୁ ସଫଳତାର ସହ ସାମ୍ନା କରିପାରିବେ।

## ଛାଟିଆରୁ ଚୋରି ସାମଗ୍ରୀ ଆଠଗଡ଼ ଅଞ୍ଚଳରୁ ଉଦ୍ଧାର

### ମିକ୍ସଚର ମେଶିନ ଓ ପାଣି ଟାଙ୍କି ଜବତ, ମୁଖ୍ୟ ଅଭିଯୁକ୍ତ ଗିରଫ

ଗଁଦିଆ,୩।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ନେଉଳପୋଇ ପଞ୍ଚାୟତ ଛାଟିଆଠାରେ ଥିବା ଓପିଟିସିଏଲ୍ ଟାୱାର ଲାଇନ ସାଇଟରୁ ଜାନୁଆରୀ ୭ ତାରିଖ ରାତିରେ ଏକ ମିକ୍ସଚର ମେସିନ ଓ ପାଣି ଟାଙ୍କି ଚୋରି ହୋଇଯାଇଥିଲା । ଏ ସଂକ୍ରାନ୍ତରେ ଜାନୁଆରୀ ୮ ତାରିଖ ଦିନ ଅଭିଯୋଗ ହେବା ପରେ ଗଁଦିଆ ଥାନାରେ କେସ ନଂ. ୧୪/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଗଁଦିଆ ଥାନା ଅଧିକାରୀ ପ୍ରତାପ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ଟିମ ଗଠନ ହୋଇ ଗୁରୁବାର ମଧ୍ୟରାତ୍ରିରେ ଆଠଗଡ଼ ଥାନା ବାସୁଦେବପୁର ନିକଟସ୍ଥ କାଜୁ ଜଙ୍ଗଲରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ମିକ୍ସଚର ମେସିନ ଓ ପାଣିଟାଙ୍କିକୁ ଜବତ କରିଥିଲେ। ମୁଖ୍ୟ ଅଭିଯୁକ୍ତ ହେଲେ ଗଁଦିଆ ଥାନା ଛାଟିଆ ଗ୍ରାମର ରାକେଶ କୁମାର ରାଉତ (୨୭) । ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏଥିରେ ଅନ୍ୟ ଅଭିଯୁକ୍ତ କେହି ସମ୍ପୃକ୍ତ ଥିବା ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଗଁଦିଆ ଥାନା ଅଧିକାରୀ ପ୍ରତାପଚନ୍ଦ୍ର ଦଳେଇ ସୂଚନା ଦେଇଛନ୍ତି ।

## ଭୁବନ ସହରରେ ଦନ୍ତାହାତୀ



ଭୁବନ, ୩।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିର ବିଭିନ୍ନ ଅଞ୍ଚଳରେ ଦନ୍ତାହାତୀ ଜନଗହଳିରେ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଦନ୍ତା ହାତୀଟି ସୁକିନ୍ଦା ଅଞ୍ଚଳରୁ ଆସି ଭୁବନ ରାଜପଥ ଦେଇ କୋର୍ଟଛକରେ ଜନଗହଳିରେ ଶୁକ୍ରବାର ସକାଳେ ବୁଲୁଥିଲା। ଖବର ପାଇ ଭୁବନ ବନବିଭାଗ କର୍ମଚାରୀ ହାତୀକୁ ଘଉଡ଼ାଇଥିଲେ। ବନବିଭାଗ କର୍ମଚାରୀମାନେ ହାତୀର ସୁରକ୍ଷା ପାଇଁ ବ୍ରାହ୍ମଣୀ ନଦୀ ପାର କରିଥିଲେ। ବାରମ୍ବାର ଏହି ଗୋଟିକିଆ ହାତୀ ବ୍ରାହ୍ମଣୀ ନଦୀ ପାରହୋଇ ଷଡ଼ଙ୍ଗୀ ଜଙ୍ଗଲରୁ ଆସି ଭୁବନ ଓ ଯାଜପୁର ଜିଲା ସୁକିନ୍ଦା ଅଞ୍ଚଳରେ ଅନେକ କ୍ଷତିକରୁଛି। ହାତୀ ଯାତାୟତ ଫଳରେ ଲୋକମାନେ ଭୟଭୀତ ହେଉଛନ୍ତି। ହାତୀଟିକୁ ଘଉଡ଼ାଇବାରେ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ, ଫରେଷ୍ଟର କଳ୍ପନା ବେହେରା, ହାତୀସ୍କ୍ୱାଡ ସାମିଲ ହୋଇଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗ



ସାରଙ୍ଗଧର ମିଶ୍ର

ଢେଙ୍କାନାଳ,୩।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଶ୍ରୀରାମଚନ୍ଦ୍ରପୁର ଶାସନରେ ଜନ୍ମିତ ଢେଙ୍କାନାଳ କୁଞ୍ଜକାନ୍ତଠାରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସାରଙ୍ଗଧର ମିଶ୍ର (୭୯)ଙ୍କର ଗୁରୁବାର ରାତିରେ ବିୟୋଗ ଘଟିଛି। ସେ ଜଣେ ଶିକ୍ଷାବିତ୍ ଓ ସାହିତ୍ୟିକ ଭାବରେ ପରିଚିତ ଥିଲେ। ସ୍ୱର୍ଗତ ମିଶ୍ର ଷଡ଼ଙ୍ଗୀ ଉଚ୍ଚବିଦ୍ୟାଳୟ, ବଣସିଂହ ଉଚ୍ଚବିଦ୍ୟାଳୟ, ଗୋବିନ୍ଦପୁର କାମାକ୍ଷାପ୍ରସାଦ ଉଚ୍ଚବିଦ୍ୟାଳୟ, ସରକାରୀ ମାଧ୍ୟମିକ ଶିକ୍ଷା ପ୍ରଶିକ୍ଷଣ ବିଦ୍ୟାଳୟ ଛେଣ୍ଡିପଦା ଆଦି ଅନୁଷ୍ଠାନରେ ଶିକ୍ଷକତା କରିଥିଲେ। ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ଅନୁଷ୍ଠିତ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ତାଙ୍କ ପରଲୋକରେ ଶିକ୍ଷାବିତ ହରିହର ସାହୁଙ୍କ ସମେତ ଶିକ୍ଷକ ସଂଘ ଏବଂ ସାହିତ୍ୟିକମାନେ ଶୋକବ୍ୟକ୍ତ କରିଛନ୍ତି।

## ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ



କାମାକ୍ଷାନଗର, ୩।୪ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ମଠକରଗୋଳା ମହାବିଦ୍ୟାଳୟ ପରିସରରେ ୭ଦିନ ଧରି ଚାଲୁଥିବା ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ମଠକରଗୋଳା ସରପଞ୍ଚ ଅଜୟ କୁମାର ନାୟକ, ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ବିଦ୍ୟାବତୀ ରବୀନ୍ଦ୍ର ଯୋଗଦେଇଥିଲେ। ଏହି ଶିବିରରେ ପରିବେଶ ସୁରକ୍ଷା, ସାଇବର୍ ସୁରକ୍ଷା ସଚେତନତା, ଜଳବାୟୁ ପରିବର୍ତ୍ତନ, ସଡ଼କ ସୁରକ୍ଷା ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ସ୍ୱେଚ୍ଛାସେବୀମାନେ ମଠକରଗୋଳା ଗ୍ରାମର ଶବର ସାହିକୁ ପୋଷ୍ୟଗ୍ରାମ ରୂପେ ନେଇ ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ସହ ଗ୍ରାମବାସୀଙ୍କୁ ବର୍ତ୍ତମାନ ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟା, ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା କରିଥିଲେ। ଶେଷ ଦିନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସୌମ୍ୟରଞ୍ଜନ ବାରିକ ଓ ରୋଜାଲିନ ନାୟକଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବରେ ପୁରସ୍କୃତ କରାଯିବା ସହ ଅଧ୍ୟକ୍ଷ ମହୋଦୟଙ୍କ ଦ୍ୱାରା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ସୋମନାଥ ପଣ୍ଡା ଏବଂ ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଧ୍ୟାପକ ମନୋରଞ୍ଜନ ବେହେରା ଏବଂ ମାଧୋଇ ଭୁଏ ସହଯୋଗ କରିଥିଲେ।

## ମା' କାଳୁଣୀ ପୀଠରେ ଝାମୁଯାତ୍ରା

ଭୁବନ, ୩।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ମା' କାଳୁଣୀ ପୀଠରେ ଗୁରୁବାର ଝାମୁଯାତ୍ରା ପାଳିତ ହୋଇଛି। ବଡ଼ହାଟଠାରେ ପଣା ଦେବା ପରେ ପାଟୁଆ ଗ୍ରାମ ଭ୍ରମଣ କରି ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିବାର। ଅପରାହ୍ନରେ ପାଟୁଆ ନିଆଁରେ ଚାଲିବା ଅତି ଚିତ୍ତାକର୍ଷକ ହୋଇଥିଲା। ନିଜର ମାନସିକ ପୂରଣ ପାଇଁ ପିଲାମାନଙ୍କୁ ପାଟୁଆ ଚାଲିବା ସମୟରେ ଧରି ନିଆଁରେ ଚାଲିଲେ ମାନସିକ ପୂରଣ ହୋଇଥାଏ ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ଏହି ଝାମୁଯାତ୍ରା ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରାସ୍ତାରେ ଯାତାୟତ କରୁଥିବା ଶ୍ରଦ୍ଧାଳୁମାନଙ୍କୁ ପଣା ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ସୁବ୍ରତ କୁମାର ସାହୁ, କୃଷ୍ଣଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ପାତ୍ର ଓ ବିଳାସ କୁମାର ସାମଲଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଭୁବନରେ କୈବର୍ତ୍ତ ସମାଜ ପକ୍ଷରୁ ବାର୍ଷିକ ଉତ୍ସବ



ଭୁବନ, ୩।୪ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ କୈବର୍ତ୍ତ ସମାଜ ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଛି। ସମାଜର ଆରାଧ୍ୟ ଦେବତାଙ୍କୁ ଭୋର ସମୟରେ ପୂଜାର୍ଚ୍ଚନା କରାଯାଇଥିଲା। ଘରେଘରେ ବନ୍ଧୁବାନ୍ଧବ ସହିତ ମିଠା ଓ ପିଠା ବାଣ୍ଟି ସମ୍ପର୍କକୁ ମଜଭୁତ କରିଥିଲେ। ଅପରାହ୍ନରେ ଆରାଧ୍ୟ ଦେବତାଙ୍କୁ ସହର ପରିକ୍ରମା କରାଯାଇଥିଲା। ସେଥିରେ ଘୋଡ଼ାନାଚ, ମହିଳା ଓ ପୁରୁଷ ସଂକୀର୍ତ୍ତନ, ଆଦି କରାଯାଇଥିଲା। ସମାଜର ସଭାପତି ଶ୍ରୀକାନ୍ତ କୁମାର ରାଉତ, ସମ୍ପାଦକ ଅଜୟ କୁମାର ସେଠୀ, କୋଷାଧ୍ୟକ୍ଷ ନିଳମଣୀ ସେଠୀ, ବରିଷ୍ଠ କର୍ମକର୍ତ୍ତା ନରହରି ସାହୁ, ବୈକୁଣ୍ଠ ବେହେରା, ଦିଲୀପ କୁମାର ସେଠୀ, ମାୟାଧର ସାହୁ, ରଞ୍ଜନ କୁମାର ବେହେରା, ପ୍ରଭାକର ବେହେରା, ପ୍ରକାଶ କୁମାର ସାହୁ, ମୁକୁନ୍ଦ ଦଳେଇ ଓ ଗୌରାଙ୍ଗ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଆଦିବାସୀ ମହିଳାଙ୍କୁ ଜବରଦସ୍ତ ଗିରଫ ଅଭିଯୋଗ

ପାଲଲହଡ଼ା,୩।୪ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଅବକାରୀ ବିଭାଗ ପକ୍ଷରୁ ଟମ୍ପର ଗାଁରେ ଶୁକ୍ରବାର ଚଢ଼ାଉ କରାଯାଇ ଚୋରା ମହୁଲି ମଦ ରଖିଥିବା ଅଭିଯୋଗରେ ଜଣେ ଆଦିବାସୀ ମହିଳାଙ୍କୁ ଜବରଦସ୍ତ ଗିରଫ କରାଯାଇଥିବା ଅଭିଯୋଗ କରି ମହିଳାମାନେ ଅବକାରୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ମହିଳାମାନେ ଅଭିଯୋଗ କରିଛନ୍ତି, ଟମ୍ପର ଗାଁର ଯଶୋଦା ମୁଣ୍ଡାଙ୍କ ଘରୁ କୌଣସି ମହୁଲି ମଦ ମିଳି ନ ଥିବାବେଳେ ଅନ୍ୟ ଜାଗାରୁ ଜବତ ହୋଇଥିବା ଚୋରା ମହୁଲି ମଦକୁ ତାଙ୍କ ଘରୁ ଜବତ ହୋଇଥିବା ଦେଖାଇ ଅବକାରୀ ବିଭାଗ ଯଶୋଦାଙ୍କୁ ଗିରଫ କରିଛି। ଏହାର ପ୍ରତିବାଦରେ ଗାଁର ମହିଳାମାନେ ସକାଳ ୭ଟାରୁ ଅବକାରୀ କାର୍ଯ୍ୟାଳୟ ଘେରାଉ କରିବା ସହ ଧାରଣା ଦେଇଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ଅବକାରୀ ବିଭାଗ ଯଶୋଦଙ୍କୁ ଛାଡ଼ି ଦେଇଥିଲା। ଏ ସମ୍ପର୍କରେ ପାଲଲହଡା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ସମୀର ମହାଲିକ କହିଛନ୍ତି, ଯଶୋଦାଙ୍କ ଘରୁ ମଦ ମିଳି ନ ଥିଲା। ଘର ବାହାରେ ସେ ୧୦ ଲିଟର ମଦ ଧରିଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା।


15001/4/2627



**ଅମର ଶହୀଦ ରଘୁ - ଦିବାକରଙ୍କ**
**ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ**
**୪ ଅପ୍ରେଲ, ୨୦୨୬**

ସକାଳ ୮.୩୦ ମିନିଟ୍ :-
ଭୁବନେଶ୍ୱର ୟୁନିଟ୍ ୯, ରୋଡ଼ ନମ୍ବର - ୩ ସ୍ଥିତ
ଶହୀଦ ରଘୁ-ଦିବାକରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା   ସାଧାରଣ ସଭା   ଜୟଦେବ ଭବନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ
ମାନ୍ୟବର ବିଧାୟକ, ଖୋର୍ଦ୍ଧା

ସମ୍ମାନନୀୟ ଅତିଥି
ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ସ୍ୱାଇଁ
ମାନ୍ୟବର ବିଧାୟକ, ଖଣ୍ଡପଡ଼ା

ଅତିଥି ବକ୍ତା
ଶ୍ରୀଯୁକ୍ତ ନାରାୟଣ ମହାପାତ୍ର
ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଅଧ୍ୟକ୍ଷ, ଜିଲ୍ଲା ଖାଉଟି ଆୟୁକ୍ତ, ନୟାଗଡ଼

ମୁଖ୍ୟବକ୍ତା
ଶ୍ରୀଯୁକ୍ତ ଯାମିନୀକାନ୍ତ ନାୟକ, ବିଶିଷ୍ଟ ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ, ରାଜ୍ୟସ୍ତରୀୟ ଶହୀଦ ରଘୁ-ଦିବାକର ସ୍ମୃତି କମିଟି ଏବଂ ରଣପୁର ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର

OIPR-15001/15001/2/26-27/0004


## ପରଜଙ୍ଗ ଥାନାରେ ନୂତନ ଅଧିକାରୀ

ପରଜଙ୍ଗ, ୩।୪ (ନିଗମାନନ୍ଦ ଦଳବେହେରା)



ସୁବ୍ରତ କୁମାର ସାହୁ

ଢେଙ୍କାନାଳ ଜିଲା ପରଜଙ୍ଗ ଥାନାରେ ନୂତନ ଅଧିକାରୀ ଭାବେ ସୁବ୍ରତ କୁମାର ସାହୁ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଥାନାଧିକାରୀ ଧୀରେନ କୁମାର ବେହେରାଙ୍କ ଠାରୁ ଦାୟିତ୍ୱ ନେଇଛନ୍ତି । ଧୀରେନ ବେହେରାଙ୍କୁ ଢେଙ୍କାନାଳ ଟାଉନ ଥାନାକୁ ବଦଳି କରାଯାଇଛି। ପରଜଙ୍ଗ ଅଞ୍ଚଳରେ କିପରି ଲୋକମାନେ ଉଚିତ ନ୍ୟାୟ ପାଇପାରିବେ ଓ ଅଞ୍ଚଳରେ ଆଇନଶୃଙ୍ଖଳା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

## କୀର୍ତ୍ତିରାଣୀଙ୍କ ସ୍ୱର୍ଣ୍ଣପଦକ ହାସଲ




ସ୍ୱର୍ଣ୍ଣପଦକ ସହ ଢେଙ୍କାନାଳର କୀର୍ତ୍ତିରାଣୀ ସାହୁ (ମଝି)।

### ଅସ୍ମିତା ଖେଲୋ ଇଣ୍ଡିଆ ନ୍ୟାଶନାଲ କିକ୍‌ବକ୍ସିଂ ଲିଗ୍

ଢେଙ୍କାନାଳ,୩।୪(ରତନ ନାୟାର)

ମାର୍ଚ୍ଚ ୨୬ ରୁ ୨୯ ପର୍ଯ୍ୟନ୍ତ ଅସ୍ମିତା ଖେଲୋ ଇଣ୍ଡିଆ ନ୍ୟାଶନାଲ କିକ୍‌ବକ୍ସିଂ ଲିଗ୍ ତାମିଲନାଡୁର ବିନାୟକ ମିସନ୍ ଚେନ୍ନାଇ କ୍ୟାମ୍ପସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତରେ ଓଡ଼ିଶାର ମୋଟ୍ ୨୪ ଜଣ ପ୍ରତଯୋଗୀ ଯାଇଥିବା ବେଳେ ଢେଙ୍କାନାଳ ଜିଲାର ୬ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଏକମାତ୍ର ଖେଳାଳି ଭାବେ କୀର୍ତ୍ତିରାଣୀ ସାହୁ ଉଲ୍ଲେଖନୀୟ ପ୍ରଦର୍ଶନ କରି ଫାଇନାଲ ପ୍ରତିଯୋଗିତାରେ ପଞ୍ଜାବର ପ୍ରତିଯୋଗୀଙ୍କୁ ୧୨-୨ ପଏଣ୍ଟରେ ନକ୍‌ଆଉଟ୍ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ କଠିନ ପରିଶ୍ରମ କରି ଢେଙ୍କାନାଳ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆର୍ମେଚର କିକ୍‌ବକ୍ସିଂ ଆସୋସିଏଶନ ଅଫ୍ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ର ଓ ଢେଙ୍କାନାଳ ଡାଇମଣ୍ଡ କିକ୍‌ବକ୍ସିଂ ଆସୋସିଏଶନର ସମସ୍ତ ସଦସ୍ୟ ଏବଂ କୋଚିଙ୍ଗ କମିଟି ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ସମୟ ନେଲେ କୋଶଳା ଗ୍ରାମବାସୀ, ସମନ୍ୱୟ ବୈଠକ ସ୍ଥଗିତ

**ସୋମବାରଠାରୁ ଜୋର୍‌ଦାର ହେବ ଟ୍ରକ୍ ମାଲିକ ସଂଘ ଆନ୍ଦୋଳନ**


ସମନ୍ୱୟ ବୈଠକରେ ପହଞ୍ଚିଥିବା ପ୍ରଶାସନିକ ଓ ପୋଲିସ ଅଧିକାରୀ।

ଛେଣ୍ଡିପଦା,୩।୪(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦାସ୍ଥିତ ନୈନି କୋଇଲା ଖଣିରୁ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥ ଦେଇ କୋଇଲା ପରିବହନକୁ କୋଶଳା ଗ୍ରାମବାସୀ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକ ଅଟକି ରହିଥିବା ଯୋଗୁ ଗାଡ଼ି ମାଲିକଙ୍କ କ୍ଷତି ହେଉଥିବା ଅଭିଯୋଗ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଶୁକ୍ରବାର ଏକ ସମନ୍ୱୟ ବୈଠକ ଡକାଯାଇଥିଲା। ହେଲେ କୋଶଳା ଗ୍ରାମବାସୀ ଅଧିକ ସମୟ ମାଗିବା ସହ ଏହି ବୈଠକରେ ଯୋଗ ଦେଇ ନ ଥିଲେ। ଏଥିଯୋଗୁ ପ୍ରଶାସନ ପକ୍ଷରୁ ବୈଠକକୁ ସ୍ଥଗିତ ରଖାଯାଇଥିଲା। ଏହାପରେ ସୋମବାରଠାରୁ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଅନୁଯାୟୀ, ୬୩ନଂ. ରାଜ୍ୟ ରାଜପଥର କୋଶଳା ଗ୍ରାମ ମଧ୍ୟ ଦେଇ କୋଇଲା ପରିବହନକୁ ବିରୋଧ କରି ଗତ ମାର୍ଚ୍ଚ ୫ ତାରିଖରୁ ଗ୍ରାମବାସୀ ଆନ୍ଦୋଳନ ଜାରି ରଖିଛନ୍ତି। ଫଳରେ କୋଶଳା ଗ୍ରାମ ଦେଇ ଏହି ରାଜପଥରେ କୋଇଲା ପରିବହନ ହୋଇପାରୁ ନାହିଁ। ଏହାର ଶାନ୍ତିପୂର୍ଣ୍ଣ ସମାଧାନ କରିବାକୁ ଛେଣ୍ଡିପଦା ତହସିଲଦାର ମାନସ ରାୟ ବ୍ଲକ ସଭାଗୃହଠାରେ କୋଶଳା ଗ୍ରାମବାସୀଙ୍କୁ ନେଇ ଏକ ସମନ୍ୱୟ ବୈଠକ ପାଇଁ ଚିଠି କରିଥିଲେ। ଉକ୍ତ ଚିଠି ଅନୁଯାୟୀ ନିର୍ଦ୍ଧାରିତ ସମୟରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଉପଜିଲାପାଳ ମାୟାଧର ବେହେରା, ତହସିଲଦାର ମାନସ ରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଞ୍ଜୀବ ପଣ୍ଡା, ଏସ୍‌ଡିପିଓ ରମାକାନ୍ତ ମାହାଲିକ, ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାୟତରାୟ ବ୍ଲକ ସଭାଗୃହରେ ପହଞ୍ଚିଥିଲେ। କିନ୍ତୁ କୋଶଳା ଗ୍ରାମରେ ୯ ଦିନ ଧରି ହିଙ୍ଗୁଳା ପୂଜା ଚାଲିଥିବାରୁ ଗ୍ରାମବାସୀ ବୈଠକରେ ଯୋଗ ଦେଇପାରିବେ ନାହିଁ ବୋଲି ଇ-ମେଲ୍ ମାଧ୍ୟମରେ ଜଣାଇଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଉକ୍ତ ବୈଠକକୁ ପୂଜା ସରିବା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଅପରପକ୍ଷେ ଅତିରିକ୍ତ ଜିଲାପାଳ ବ୍ଲକକୁ ଆସିଥିବା ଖବରପାଇ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ସଭାପତି ମହେଶ୍ୱର ବେହେରା, ସମ୍ପାଦକ ସୁବୋଧ କୁମାର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପହଞ୍ଚି ୬୩ନଂ. ରାଜ୍ୟ ରାଜପଥରେ ଟ୍ରକ୍ ଚଳାଚଳ ପାଇଁ ଦାବି କରିଥିଲେ। ଏହି ରାଜପଥରେ ବିଭିନ୍ନ କମ୍ପାନୀର ଅନେକ କୋଇଲା ଟ୍ରକ୍ ଚଳାଚଳ କରୁଥିଲେ ମଧ୍ୟ ଛେଣ୍ଡିପଦାରୁ କୋଶଳା ଦେଇ କୋଇଲା ଟ୍ରକ୍ ଯାଇପାରୁ ନ ଥିବାରୁ ଏହାର ତୁରନ୍ତ ସମାଧାନ ପାଇଁ ପ୍ରତିନିଧିମଣ୍ଡଳୀ ଦାବି କରିଥିଲେ। ଆସନ୍ତା ସୋମବାରଠାରୁ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସଭାପତି ମହେଶ୍ୱର ବେହେରା ପ୍ରକାଶ କରିଛନ୍ତି। ଏ ନେଇ ଅତିରିକ୍ତ ଜିଲାପାଳ କହିଛନ୍ତି, କୋଶଳା ଗ୍ରାମବାସୀ ୯ ତାରିଖ ପର୍ଯ୍ୟନ୍ତ ସମୟ ମାଗିଛନ୍ତି। ଗ୍ରାମବାସୀଙ୍କୁ ପୁଣିଥରେ ସମନ୍ୱୟ ବୈଠକକୁ ଡକାଯାଇ ସମାଧାନର ଉଦ୍ୟମ କରାଯିବ।

## ପ୍ରବୁଦ୍ଧ ନାଗରିକ ସଂଗୋଷ୍ଠୀ ପାଇଁ ପ୍ରସ୍ତୁତି

ତାଳଚେର,୩।୪(ମନୋଜ ନନ୍ଦ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତବାର୍ଷିକୀ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବର୍ଷତମାମ ଚାଲୁ ରହିଛି। ଏହି ଅବସରରେ ଏକ ପ୍ରବୁଦ୍ଧ ନାଗରିକ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖରେ ଦେଉଳବେଢ଼ା ଡିସିଆଇ କ୍ଲବଠାରେ ଅନୁଷ୍ଠିତ ହେବ। ଏଠାରେ ୧୦୦ ବର୍ଷରେ ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଏକ ପ୍ରଦର୍ଶନୀ ମଧ୍ୟ ସ୍ଥାପିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ତଥା ବିବିଦ୍ଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସହ ଜିଲା ସଂଘ ଚାଳକ ଗିରିଧାରୀ ଶତପଥୀ, ଜିଲା କାର୍ଯ୍ୟବାହ ଜ୍ୟୋର୍ତ୍ତିର୍ବିଦ ଅନିଲ ମହାନ୍ତି, ସହ ଜିଲା କାର୍ଯ୍ୟବାହ ବାବୁଲି ସାମଲ, ଜିଲା ସହ ବ୍ୟବସ୍ଥା ପ୍ରମୁଖ ଅଶୋକ ଲାଲ ଅଗ୍ରୱାଲ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ନଗର ସଂଘ ଚାଳକ ପ୍ରମୋଦ କୁଣ୍ଡୁ, ନଗର କାର୍ଯ୍ୟବାହ ସୂର୍ଯ୍ୟକାନ୍ତ ମହାନ୍ତି, କାର୍ଯ୍ୟକ୍ରମର ସହ ସଂଯୋଜକ ପର୍ଶୁରାମ ବାରିକ, ଜିଲା ସଦ୍‌ଭାବନା ପ୍ରମୁଖ ଶ୍ରୀନିବାସ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଖୋଳିଦେଲା ଠିକାସଂସ୍ଥା, ଜିଲାପାଳଙ୍କୁ ଅଭିଯୋଗ

ବଇଣ୍ଡା, ୩।୪ (ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡାଠାରୁ ଆଠମଲ୍ଲିକ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଗାଁବଇଣ୍ଡା ଶାଳବଣିସାହି ନିକଟରେ ଏକ ଠିକା ସଂସ୍ଥା ଶୁକ୍ରବାର ରାସ୍ତା ଖୋଳି ପାଣି ପାଇପ୍ ବିଛାଇଛି। ବିନା ଅନୁମତିରେ କଂକ୍ରିଟ ରାସ୍ତାକୁ ଖୋଳି ପାଇପ୍ ବିଛା ଯାଇଥିବାବେଳେ ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଞ୍ଚଳବାସୀ ରାସ୍ତା ଖୋଳାକୁ ବିରୋଧ କରିଥିଲେ ମଧ୍ୟ ଠିକା ସଂସ୍ଥା ଶୁଣୁ ନ ଥିବାରୁ ଶାଳବଣି ସାହିବାସୀ ଅନୁଗୋଳ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି, ଶାଳବଣିସାହି ଦେଇ ଯାଇଥିବା ପୂର୍ତ୍ତ ବିଭାଗ କଂକ୍ରିଟ ରାସ୍ତାକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ଖୋଳି ପାଇପ୍ ବିଛାଯାଉଛି। ତେବେ ପାଇପ୍ ବିଛାଯିବା ପରେ ଆଉ ରାସ୍ତାକୁ କଂକ୍ରିଟ କରାଯାଉ ନାହିଁ। ଏ ନେଇ ଠିକା ସଂସ୍ଥାକୁ କୁହାଗଲେ ସୁଫଳ ମିଳୁନାହିଁ। ରାସ୍ତାଠାରୁ ଦେଢ଼ ମିଟର ଦୂରେଇ ଖୋଳାଯିବା ପାଇଁ ନିୟମ ଥିବାବେଳେ ଠିକା ସଂସ୍ଥା ରାସ୍ତାକୁ ଲଗାଇ ଗାତ କରୁଥିବାରୁ ରାସ୍ତା ନଷ୍ଟ ହେଉଛି। ଆଠମଲ୍ଲିକ ଉପଖଣ୍ଡର ଅନେକ ରାସ୍ତା ଏଥିପାଇଁ ନଷ୍ଟ ହୋଇଯାଉଥିବା ବେଳେ ବିଭଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ ଏସ୍‌ଡିଓ ସହରାଇ ସିଂ କହିଛନ୍ତି, ରାସ୍ତା ଖୋଳିବା ସମ୍ପର୍କରେ ପୂର୍ବରୁ ଥାନାରେ ଅଭିଯୋଗ କରାଯାଇଥିଲା। କିଛି ଦିନ ବନ୍ଦ କରିବା ପରେ ପୁଣି ରାସ୍ତା ଖୋଳାଯାଉଛି। ନଷ୍ଟ ହୋଇଥିବା ରାସ୍ତାକୁ କଂକ୍ରିଟ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯିବ।

# ବିପୁଳ ପରିମାଣର ମଦ ଜବତ

କଣିହାଁ,୩।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ କଂସମୁଣ୍ଡା ଗ୍ରାମରେ କଣିହାଁ ପୋଲିସ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ତରଫରୁ ଚଢ଼ାଉ କରାଯାଇ ବହୁ ପରିମାଣର ବିଦେଶୀ ମଦ ଜବତ କରାଯାଇଛି। ପୋଲିସ ସୂଚନା ଅନୁସାରେ, ଗହମ ପ୍ରଧାନ (୫୨)ଙ୍କ ଘରୁ ମୋଟ ୨୯୧ ଲିଟର ବିଦେଶୀ ମଦ ଜବତ ହୋଇଛି। ପୋଲିସ ଅଭିଯୁକ୍ତ ଗହମଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଏକ ମାମଲାରେ ସେହି ଗ୍ରାମର ଗୀତାଞ୍ଜଳି ପଣ୍ଡାଙ୍କଠାରୁ ୫୧ ଲିଟର ବିଦେଶୀ ମଦ ଜବତ କରାଯାଇଥିବାବେଳେ ତାଙ୍କୁ ଥାନାରୁ ଜାମିନରେ ଛଡ଼ାଯାଇଛି। କଂସମୁଣ୍ଡା ଗ୍ରାମରେ ଯାତ୍ରା ଥିବାବେଳେ ଉକ୍ତ ମଦ ବେପାର କରିବା ପାଇଁ ରଖାଯାଇଥିଲା। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି।

# ଘରୁ ନାଗସାପ ଉଦ୍ଧାର

ବଇଣ୍ଡା, ୩।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ଗ୍ରାମର ସୁରମଣି ନାୟକଙ୍କ ଘରୁ ଗୁରୁବାର ରାତିରେ ଏକ ନାଗ ସାପ ଉଦ୍ଧାର କରାଯାଇଛି। ସାପଟି ଘର ଭିତରକୁ ପଶିଆସୁଥିବା ଦେଖି ସୁରମଣିଙ୍କ ପରିବାର ଲୋକେ ବାହାରକୁ ପଳାଇ ଆସିବା ସହ ସାପ ଉଦ୍ଧାରକାରୀ ମାଧପୁର ଅଞ୍ଚଳର ସିଦ୍ଧେଶ୍ୱର ରଥଙ୍କୁ ଖବର ଦେଇଥିଲେ। ସିଦ୍ଧେଶ୍ୱର ପହଞ୍ଚି ଉକ୍ତ ସାପକୁ ଉଦ୍ଧାର କରିବା ପରେ ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦେଇଥିଲେ।

# ସ୍କୁଟି-ବାଇକ୍ ଧକ୍କା, ୨ ଗୁରୁତର



ସନ୍ତ୍ରୀଛକ,୩।୪ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ନୂଆହତା ପଞ୍ଚାୟତ ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ୍ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ଧକ୍କା ଯୋଗୁ ୨ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବୁଢ଼ାପଙ୍କ ଗ୍ରାମର ଚକ୍ରଧର ବେହେରାଙ୍କ ପୁଅ କିଶନଜିତ ବେହେରା (୨୧) ସ୍କୁଟିରେ ଯାଉଥିବାବେଳେ ବାଇକ୍‌ରେ ଥିବା କଣ୍ଟାବଣିଆ ଥାନା କୁଶପଙ୍ଗା ଗ୍ରାମର ପୁରୁଷୋତ୍ତମ ନାୟକଙ୍କ ପୁଅ ସତ୍ୟନାରାୟଣ ନାୟକ (୧୮) ଓ ମଙ୍ଗଳପୁର ଗ୍ରାମର ପ୍ରକାଶ ନାୟକଙ୍କ ପୁଅ ଶୁଭ୍ରଜିତ ନାୟକ (୨୦)ଙ୍କ ସହ ଧକ୍କା ହୋଇଥିଲା। ୩ ଜଣ ରାଜପଥ ଉପରେ ଛିଟିକି ପଡିଥିଲେ। ଦୁର୍ଘଟଣାରେ ବାଇକ୍ ଚାଳକ ଓ ତାଙ୍କ ସହ ଥିବା ଯୁବକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ପୋଲିସ ଓ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ଗୁରୁତର ୨ ଯୁବକଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ୨ ଗାଡିକୁ ଜବତ କରିବା ସହ ନମ୍ବର ୨୦୦/୨୬ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ସୂଚନା ଦେଇଛନ୍ତି।

# ଯୋରନ୍ଦା ପ୍ରାଦେଶିକ ଚାରଣ ସମ୍ମିଳନୀ ଉଦ୍‌ଯାପିତ



ଗଁଦିଆ,୩।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ମହିମାଗାଦି ଯୋରନ୍ଦା ଜଗନ୍ନାଥ ମନ୍ଦିର ପରିସରରେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଆନୁକୁଲ୍ୟରେ ଅନୁଷ୍ଠିତ ୩ ଦିନିଆ ୪୯ତମ ପ୍ରାଦେଶିକ ଚାରଣ ସମ୍ମିଳନୀ ଓ ଶ୍ରୀଜଗନ୍ନାଥ ଚେତନା ଅଧିବେଶନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମାର୍ଚ୍ଚ ୩୧ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ବିଶିଷ୍ଟ ଗବେଷକ ପଦ୍ମଶ୍ରୀ ଡକ୍ଟର ଅନ୍ତର୍ଯ୍ୟାମୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ମହିମା ଧର୍ମ ଓ ଜଗନ୍ନାଥ ସଂସ୍କୃତିର ସମନ୍ୱୟ ଉପରେ ସନ୍ଥକବି ଭୀମ ଭୋଇଙ୍କ ରଚିତ 'ସ୍ତୁତି ଚିନ୍ତାମଣି'ର ଆଧାରରେ ଆଲୋଚନା କରିଥିଲେ। ସମ୍ମିଳନୀର ଦ୍ୱିତୀୟ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚାରଣ ମୁଖ୍ୟ ପଦ୍ମଶ୍ରୀ ପଣ୍ଡିତ ସଦାଶିବ ରଥଶର୍ମାଙ୍କ ୩୭ତମ ଶ୍ରାଦ୍ଧଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଜାମୁସରା ପୁଷ୍କରିଣୀରେ ସମୂହ ତିଳତର୍ପଣ ସହ ନଗର କୀର୍ତ୍ତନ କରାଯାଇଥିଲା। ଦଧିସିଙ୍ଗା ଗ୍ରାମ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନଗର ପରିକ୍ରମା ପରେ ଜଗନ୍ନାଥ ମନ୍ଦିରରେ ବିଷ୍ଣୁ ସହସ୍ରନାମ ଓ ଗୀତା ପାଠ କରାଯାଇଥିଲା। ଭାଗବତ ପାଠ ପରେ ଜଗନ୍ନାଥ ସଂସ୍କୃତିର ତତ୍ତ୍ୱ ଉପରେ ପ୍ରବଚନ ପ୍ରଦାନ କରାଯାଇଥିଲା।

ଏହି ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲାରୁ ଚାରଣ ଶାଖାର ଭାଇ ଓ ଭଉଣୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଦଳପତି ପ୍ରାଧାପକ ଡ. ଗୋପାଳଚନ୍ଦ୍ର ରଥ ପରିଚାଳନା କରିଥିବା ବେଳେ ଚାରଣ ଅରୁଣ ପୁହାଣ ଆଦ୍ୟ କଥନ ରଖିଥିଲେ। ଅତିଥି ଭାବେ ଡେପୁଟି କଲେକ୍ଟର ଆଦିତ୍ୟ ପ୍ରସାଦ ସାହୁ, ମହିମା ସାଧୁ ବିନୟଦାସ ମହାରାଜ, ଡ. ଗୋଲେଖ ନାୟକ ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାନନ ସ୍ୱାଇଁ, ବିପିନ ବିହାରୀ ଶତପଥୀ, ଇନ୍ଦ୍ରମଣି ବେହେରା, ରମେଶ ଚନ୍ଦ୍ର ଲେଙ୍କା, ମଥୁରା ପ୍ରସାଦ ସାହୁ ଓ ଯୋରନ୍ଦା ଶାଖାର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ଆୟୋଜନରେ ସହାୟତା କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ପ୍ରକାଶ ଚନ୍ଦ୍ର ରାଉତ ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରିଥିଲେ।

# ନଳକୂଅରୁ ବାହାରୁଛି ଗୋଳିଆ ପାଣି

ବଇଣ୍ଡା, ୩।୪ (ପରିକ୍ଷିତ ସାହୁ)

**ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଗଲା ଅଭିଯୋଗ**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଶିବ ମନ୍ଦିର ନିକଟରେ ଥିବା ଏକ ସରକାରୀ ନଳକୂଅରୁ କିଛିମାସ ହେବ ଗୋଳିଆ ଓ ଲୁହାଟିଆ ପାଣି ବାହାରୁଛି। ଫଳରେ ଏହାକୁ ଲୋକେ ବ୍ୟବହାର କରିପାରୁ ନାହାନ୍ତି। ଏ ନେଇ ଜଳଯୋଗାଣ ବିଭାଗକୁ ଅଭିଯୋଗ କରାଗଲେ ମଧ୍ୟ କିଛି ପଦକ୍ଷେପ ନିଆଯାଉ ନାହିଁ। ଏଥିରେ ଅସନ୍ତୋଷ ପ୍ରକାଶ କରି ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ଶୁକ୍ରବାର ଡାକ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗପତ୍ର ପଠାଯାଇଛି।

ଅଭିଯୋଗପତ୍ରରେ ଅଞ୍ଚଳବାସୀ ଉଲ୍ଲେଖ କରିଛନ୍ତି, କିଛିବର୍ଷ ପୂର୍ବେ ସରକାରଙ୍କ ପକ୍ଷରୁ ମନ୍ଦିର ନିକଟରେ ନଳକୂଅ ଖୋଳା ଯାଇଥିଲା। ଏହି ନଳକୂଅ ଉପରେ ଉକ୍ତ ଅଞ୍ଚଳର ୨୦ ପରିବାର ନିର୍ଭର କରୁଥିବାବେଳେ ମନ୍ଦିର ଓ ସାପ୍ତାହିକ ହାଟକୁ ଆସୁଥିବା ଲୋକେ ଏଠାରୁ ପାଣି ନିଅନ୍ତି। ହେଲେ ଉକ୍ତ ନଳକୂଅରେ ଲାଗିଥିବା ଲୁହା ପାଇପ୍‌ଗୁଡ଼ିକ ନଷ୍ଟ ହୋଇଗଲାଣି। ଫଳରେ ଲୁହାଟିଆ ଓ ଗୋଳିଆ ପାଣି ବାହାରୁଛି। ଏହି ଅଞ୍ଚଳରେ କିଡ୍‌ନୀ ରୋଗ ବ୍ୟାପୁଥିବାବେଳେ ଲୋକେ ଉକ୍ତ ନଳକୂଅ ପାଣି ପିଇବା ପାଇଁ ଭୟ କରୁଛନ୍ତି। ଉକ୍ତ ନଳକୂଅର ସମସ୍ତ ପାଇପ୍ ବଦଳାଇ ନୂତନ ପାଇପ୍ ଲଗାଇବା ପାଇଁ ୫ ଡିସେମ୍ବର ୨୦୨୫ରେ କିଶୋରନଗର ଜଳ ଯୋଗାଣ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନ କହିଛନ୍ତି, ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ।

# ସମଲରେ ମା' ତାରିଣୀଙ୍କ ଚୈତ୍ରପର୍ବ


ମା' ତାରିଣୀଙ୍କ ଚୈତ୍ରପର୍ବ ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

କଣିହାଁ,୩।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ବ୍ୟାରେଜ ହାଇସ୍କୁଲ ଛକସ୍ଥିତ ମା' ତାରିଣୀ ମନ୍ଦିରର ୩୪ତମ ଚୈତ୍ରପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସକାଳୁ କଳସଯାତ୍ରା କରାଯାଇଥିଲା। ବିଧି ଅନୁସାରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବା ସହିତ ଯଜ୍ଞ କାର୍ଯ୍ୟ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ଏହି ବିଶେଷ ଦିବସରେ ମା'ଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ପ୍ରସାଦ ସେବନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ତୋଷମଣି ସାହୁ, ସମ୍ପାଦକ ସୁବାସ ପ୍ରଧାନ, କୋଷାଧ୍ୟକ୍ଷ ଶରତ ଦାସଙ୍କ ସମେତ ନେଙ୍କୁରୀ ସାମଲ, ପିଙ୍କା ମହାନ୍ତି, ଯୋଗେଶ୍ୱର ସାମଲ, ରାଜକିଶୋର ବେହେରା, ପ୍ରକାଶ ସାହୁ ଓ ସମସ୍ତ ବ୍ୟବସାୟୀ, ସ୍ଥାନୀୟ ଲୋକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନାଲରେ ଭାସିଯାଇ ଯୁବକ ମୃତ

ପରଜଙ୍ଗ,୩।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ କୁଲେଇ ଗ୍ରାମ ସାତଘରିଆ ସାହିର ଦୁଃଖବନ୍ଧୁ ମଲ୍ଲିକ (୪୫) ଶୁକ୍ରବାର ରେଙ୍ଗାଳି ବାମପାର୍ଶ୍ୱ କେନାଲରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ସୂଚନା ମୁତାବକ, ଦୁଃଖବନ୍ଧୁ ଓ ବାପା କାଳିଆ ମଲ୍ଲିକ କାମ ସାରି ଘରକୁ ଫେରିବା ବେଳେ ପାତ୍ରସାହି ନିକଟ କେନାଲରେ ଗାଧୋଉଥିଲେ। ଅସାବଧାନତା ଯୋଗୁ ପ୍ରଖର ସ୍ରୋତରେ ଖାଲୁ ଭାସିଯାଇଥିଲେ। ପୁଅ ଭାସିଯିବା କଥା କାଳିଆ କହିବାରୁ ଲୋକମାନେ ପହଞ୍ଚି ଖୋଜାଖୋଜି କରିବା ସହ ପରଜଙ୍ଗ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ଖାଲୁଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଘଟଣାସ୍ଥଳରେ ଦଦରାଘାଟି ଫାଣ୍ଡି ଅଧିକାରୀ ଅଜୟ ସାମଲ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସନ୍ଧ୍ୟା ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ଶନିବାର ହେବ ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

# ରୋଗୀସେବା ଆରମ୍ଭ ନ ହେଲେ ଆନ୍ଦୋଳନ


ବୈଠକରେ ଉପସ୍ଥିତ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ।

ତାଳଚେର,୩।୪(ମନୋଜ ନନ୍ଦ)

**ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବୈଠକ**

ତାଳଚେର ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ଶୁକ୍ରବାର ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ବରିଷ୍ଠ ଉପଦେଷ୍ଟା ଚୈତନ୍ୟ ପ୍ରଧାନଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ତାଳଚେର ପ୍ରତି ସରକାରଙ୍କ ବୈମାତୃକ ମନୋଭାବକୁ ତୀବ୍ର ନିନ୍ଦା କରାଯାଇଥିଲା। ପରିଚାଳନା ବାବଦକୁ ସମସ୍ତ ଅର୍ଥ ସରକାର ନେବା ପରେ ଏବଂ ଆନୁସଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ କାହିଁକି ମେଡିକାଲ କଲେଜରେ ରୋଗୀ ସେବା ହେଉନାହିଁ ବୋଲି ପ୍ରଶ୍ନ କରାଯିବା ସହ ଅବିଳମ୍ବେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ବାହ୍ୟ ଓ ଅନ୍ତଃ ରୋଗୀସେବା ଆରମ୍ଭ ନ କଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି କମିଟି ସଭାପତି ଅଭୟ ପାଣି, କାର୍ଯ୍ୟକାରୀ ସଭାପତି ଭୂପେନ ଥମ୍ବ, ସମ୍ପାଦକ ବିଜୟ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଥିଲେ। ଏହି ବୈଠକରେ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଚିନ୍ତାମଣି ମହାପାତ୍ର, କେଶବ ଭୂତିଆ, ଶୋଭାଗିନୀ ଦେବୀ, ହରିହର ଦାସ, ବିଜୟ କୁମାର ମିଶ୍ର, ସୁକାନ୍ତ ଦାସ, ବଳରାମ କୁଣ୍ଡ, ରାଜକିଶୋର ସାହୁ, ଡିଲେଶ୍ୱର ବେହେରା, ପ୍ରଫୁଲ୍ଲ ନାଏକ, ପ୍ରେମାନନ୍ଦ ମହାନ୍ତି, ଶରତ ଚନ୍ଦ୍ର ଦାସ, ଜିନେସ ସାହୁ, ସୁଲେଖ ସେଠୀ, ମନୋଜ କୁମାର ମହାପାତ୍ର, ହରେକୃଷ୍ଣ ମହାପାତ୍ର, ବିନୋଦ ଲାଲଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

ବଇଣ୍ଡା, ୩।୪ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ନିକଟସ୍ଥ କଦଳୀମୁଣ୍ଡା ଗ୍ରାମର ଅବସରପ୍ରାପ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଭୋଲେଶ୍ୱର ସାହୁ (୭୭)ଙ୍କ ଶୁକ୍ରବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ପରଲୋକ ସମ୍ପର୍କରେ ଜଣାପଡ଼ିବା ପରେ ଆଠମଲ୍ଲିକର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଭାଜପା ନେତା ଅଜିତ ପଟ୍ଟନାୟକ, ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ, ମଣ୍ଡଳ ସଭାପତି ହେମନ୍ତ ବିଶ୍ୱାଳଙ୍କ ସମେତ ବହୁ ଅଞ୍ଚଳବାସୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଥିଲେ। ଭୋଲେଶ୍ୱରଙ୍କ ବିୟୋଗରେ ବଇଣ୍ଡା ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା


ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ପାଛୋଟି ନିଆଯାଉଛି।

ପାଲଲହଡ଼ା,୩।୪(ଦିବ୍ୟଜ୍ୟୋତି ଦାଶ)/ ଖମାର (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଶୁକ୍ରବାର ପାଲଲହଡା ଗସ୍ତରେ ଆସିଥିବାବେଳେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଦଳୀୟ କାର୍ଯ୍ୟକର୍ତ୍ତାମାନେ ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ବାଇପାସ୍ ରୋଡ୍‌ଠାରୁ ମା' କୁଣ୍ଢେଇବିରା ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। କମିଟି ଅଧ୍ୟକ୍ଷ ମା' କୁଣ୍ଢେଇବିରା ଓ ପରେ ସ୍ଥାନୀୟ ବଳଦେବଜୀଉ ମନ୍ଦିରକୁ ଯାଇ ତିନି ଠାକୁରଙ୍କୁ ଦର୍ଶନ କରିଥିଲେ। ଏହାପରେ ଶୋଭାଯାତ୍ରାରେ ଜାତୀୟ ରାଜପଥ ଡାକବଙ୍ଗଳାକୁ ଆସି ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ନାଗରିକ ମଞ୍ଚର ଅଭିନନ୍ଦନ ଗ୍ରହଣ କରିଥିଲେ। ପରେ ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରସରରେ ଥିବା ଶହୀଦ ସ୍ମୃତି ସ୍ତମ୍ଭ ଏବଂ ସହର ମଧ୍ୟରେ ଥିବା ସମସ୍ତ ଜନନାୟକ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପାଲଲହଡ଼ା ତଥା ଜିଲାର ଉନ୍ନତି ପାଇଁ ଯାହା ଆବଶ୍ୟକ, ସେସବୁ କରିବାକୁ ବଦ୍ଧ ପରିକର ବୋଲି ବିଧାୟକ ତଥା କମିଟି ଅଧ୍ୟକ୍ଷ ମହାନ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ପ୍ରହ୍ଲାଦ ସାମଲ, ମଣ୍ଡଳ ସଭାପତି ଆଶିଷ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ଲିଙ୍ଗରାଜ ଦାସ ଓ ପଞ୍ଚାନନ ସାହୁ, ଖମାର ମଣ୍ଡଳ ସଭାପତି କାର୍ତ୍ତିକ ହୃଦୟ ଚନ୍ଦନ ପ୍ରଧାନ, ବରିଷ୍ଠ କାର୍ଯ୍ୟକର୍ତ୍ତା ଗୌରଚନ୍ଦ୍ର ପ୍ରଧାନ, ଡିଲେଶ୍ୱର ବେହେରା, ସରୋଜ କୁମାର ସାହୁ, ଲିପୁନ କୁମାର ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ଦୁଷ୍ମନ୍ତ କୁମାର ପ୍ରଧାନଙ୍କ ସମେତ ୯ ପଞ୍ଚାୟତର ସମସ୍ତ ପଞ୍ଚାୟତ ପ୍ରମୁଖ ଉପସ୍ଥିତ ଥିଲେ।

